## ବିଶ୍ୱ ମଧୁମେହ ଦିବସ ପାଳିତ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରେ ଆଜି ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦଗାତା ମଧୁମେହର ଲକ୍ଷଣ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା ମଧୁମେହର ପ୍ରତିରୋଧ ଉପରେ ବିଶଦ ଭାବରେ ଆଲୋଚନା କରିଥିଲେ ଯଥା ପରିମିତ ଭୋଜନ,ଶାରିରୀକ ଶ୍ରମ,ବ୍ୟାୟାମ,ନିଶା ଓ ତମାଖୁ ବର୍ଜନ, ଓଜନ ହ୍ରାସ ଓ ନିୟମିତ ସ୍ୱାସ୍ଥ୍ୟ ପରିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଏ ପି ଡେ ମି ଓ ଲୋଜିଷ୍ଟ ଡା. ବିନୋଦ କୁମାର ସାହୁ ୩୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତି ରକ୍ତ ଶର୍କରାକୁ ପରିକ୍ଷା କରାଇବା ଉପରେ ଗୁରୁତ୍ୱ ଦେବା ସହ ଜୀବନ ଚର୍ଯ୍ୟାକୁ ଶୃଂଖଳିତ କରିବା ପାଇଁ କହିଥିଲେ । ଉକ୍ତ ବୈଠକରେ ପାରାମେଡିକାଲ ,ନର୍ସିଂ ଛାତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

